# ପ୍ରେମ ବାହିନୀ



ଭଗବାନ ଶ୍ରୀ ସତ୍ୟସାଇ ବାବା

Scanned by TapScanner

## ଦୃଶ୍ୟ ଜଗତ ସତ୍ୟ ନୁହେଁ

ପ୍ରକୃତରେ ମଣିଷ ଛାଇ ଦେଖେ ଓ ତାକୁ ହିଁ ବସ୍ତୁ ବୋଲି ଗ୍ରହଣ କରିନିଏ । ଲମ୍ବ, ଚଉଡ଼ା ଓ ପ୍ରସ୍ଥ ଦେଖିବା ସଙ୍ଗେ ସଙ୍ଗେ ସେ ସିଦ୍ଧାନ୍ତ କରିନିଏ ଯେ ଆଖି ଆଗରେ ଅଛି ଗୋଟିଏ ବସ୍ତୁ । ମଣିଷ ଗୋଟିକ ପରେ ଗୋଟିଏ ଆବେଗ ଅନୁଭବ କରେ ଓ ତା ମନରେ ଗୋଟିକ ପରେ ଗୋଟିଏ ଜାଗିଉଠେ ତତ୍‌ସମ୍ପର୍କୀୟ କେତେଗୁଡ଼ିଏ ସ୍ମୃତି ।

Scanned by TapScanner

ଏଇ ସ୍ମୃତିଗୁଡ଼ିକୁ ଏକାଠି କରି ସେ ଭାବେ କେତେଗୁଡ଼ିଏ ବସ୍ତୁ ହିଁ ଏ ସମସ୍ତ ସୃଷ୍ଟିର କାରଣ । ଏଇ ପ୍ରତୀତିକୁ ସତ୍ୟ ବୋଲି ଗ୍ରହଣ କରିନେବା ଅଜ୍ଞାନ । 'ପ୍ରତୀତି' କେମିତି 'ଜ୍ଞାନ' ହୋଇ ପାରିବ ? ମଣିଷର ମୂର୍ତ୍ତିଟିଏ କ'ଣ ଜୀବନ୍ତ ମଣିଷ ହୋଇ ପାରିବ ? ଯଦି ମୂର୍ତ୍ତିକୁ ପ୍ରକୃତ ମଣିଷ ବୋଲି ଧରାଯାଏ, ତେବେ ତାହାକୁ କ'ଣ 'ଜ୍ଞାନ' ବୋଲି କହିବ ? ବର୍ତ୍ତମାନ ତୁମେ ଅର୍ଜ୍ଜନ କରୁଥିବା ସବୁ ଜ୍ଞାନର ସ୍ୱରୂପ ହିଁ ଏହା । ଯାହାକୁ ତୁମେ ବସ୍ତୁ ବୋଲି କହୁଛ ସେ ଆଦୌ ବସ୍ତୁ ନୁହେଁ, ବସ୍ତୁର ପ୍ରକୃତ ସ୍ୱରୂପ ଅବାଙ୍‌ମାନସଗୋଚର ।

ଅଦ୍ୱୈତବାଦୀମାନେ ବିଶ୍ୱାସ କରନ୍ତି "ଅହଂ ବ୍ରହ୍ମାସ୍ମି", ଅର୍ଥାତ୍ "ମୁଁ ହିଁ ବ୍ରହ୍ମ ।" ମାତ୍ର ଅଦ୍ୱୈତବାଦୀ ଏ ଦୃଢ଼ ପ୍ରତ୍ୟୟ ପାଏ କେମିତି ? ସେ ଏହା କହେ କାହିଁକି ? ତାକୁ ପଚାରିଲେ ସେ କହିବ, "ଶ୍ରୁତି ତ ଏହା କହୁଛି, ଗୁରୁ ମଧ୍ୟ ମୋତେ ଏହା ଶିଖାଇଛନ୍ତି"; ମାତ୍ର ଶ୍ରୁତି ଓ ଗୁରୁଙ୍କଠାରୁ "ଅହଂ ବ୍ରହ୍ମାସ୍ମି" ବୋଲି ଶୁଣିଦେଲେ ଯେ ତୁମେ ଏ ମହାନ୍ ତତ୍ତ୍ୱ ଉଚ୍ଚାରଣ କରିବାକୁ ଯୋଗ୍ୟ ହୋଇଯିବ, ତାହା ନୁହେଁ । 'ଅହଂ', 'ବ୍ରହ୍ମ' ଓ 'ଅସ୍ମି' ଏଇ ତିନୋଟି ଶବ୍ଦ ଉପରେ ଯାହାର ପାଣ୍ଡିତ୍ୟ ଆସିଯାଏ ସେ କ'ଣ ବ୍ରହ୍ମ-ଐକ୍ୟ ଲାଭ କରିପାରେ । ନା, ଏହା ନୁହେଁ । ଜନ୍ମ ଜନ୍ମଧରି ଅବିରତ ସାଧନା ଏବଂ ଶାସ୍ତ୍ରୋକ୍ତ କର୍ତ୍ତବ୍ୟର ନିଷ୍ଠାପର ଅଭ୍ୟାସ ହିଁ ମନକୁ ଶୁଦ୍ଧପୂତ କରିପାରେ । କେବଳ ଏଇ ପବିତ୍ର ମାନସକେଦାରରେ ଭକ୍ତିର ବୀଜ ଗଜା ଧରେ । ତା'ପରେ ଜ୍ଞାନର ଜଳ ସିଞ୍ଚି ଯତ୍ନ ସହକାରେ ଏଇ ଚାରା ଗଛଟିକୁ ପାଳନ କଲେ ସେଥିରେ ଫୁଲ ଫୁଟେ ଓ ଫଳ ଧରି ପାଚେ । ଆଉ ସେ ଫଳରେ ଭର୍ତ୍ତି ହୋଇଯାଏ ଅତି ସୁମିଷ୍ଟ ଓ ସୁଗନ୍ଧିତ ରସ । ଏଇ ଫଳ ଭକ୍ଷଣ କଲେ ମନୁଷ୍ୟ ସର୍ବବ୍ୟାପୀ, ସର୍ବଧର୍ମମୟ, ସତ୍-ଚିତ୍-ଆନନ୍ଦମୟ ପରମେଶ୍ୱରଙ୍କ ସହ ଏକାକାର ହୋଇଯାଏ ।

'ଅହଂ ବ୍ରହ୍ମସ୍ମି' ଶବ୍ଦଗୁଡ଼ିକୁ ତୁମେ ହୁଏତ ଠିକ୍ ରୂପେ ବ୍ୟାଖ୍ୟା କରିପାର, ଶବ୍ଦଗୁଡ଼ିକର ଯଥାଯଥ ଭାଷାଗତ ବିଶ୍ଳେଷଣ କରିପାର । ମାତ୍ର ତୁମେ ଯେତେବେଳେ ଜଗତ ବିଷୟରେ ଅଜ୍ଞ, 'ମୁଁ' କ'ଣ ତାହା ଜାଣିନାହିଁ, 'ବ୍ରହ୍ମ' ସମ୍ପର୍କରେ ପୂରାପୂରି ଅନ୍ଧାରରେ ଅଛ, ସେତେବେଳେ ଜଣେ ଜ୍ଞାନୀର ଅପୂର୍ବ ଆନନ୍ଦ ତୁମେ କେମିତି ଅନୁଭବ କରିପାରିବ ? ଶବ୍ଦଗୁଡ଼ିକର ଅର୍ଥ ସମ୍ପର୍କରେ ନୁହେଁ, ଶବ୍ଦର ପ୍ରକୃତ ତାତ୍ପର୍ଯ୍ୟର ଅନୁଭବ ହିଁ ପ୍ରକୃତ ଜ୍ଞାନ; ସଚେତନତା ଏବଂ ଅଭିଜ୍ଞତା ହିଁ ଜ୍ଞାନର ମୂଳକଥା ।

ମାଟି ହେଲା ମୂଳ ସତ୍ୟ, ମାଟି ପାତ୍ରଗୁଡ଼ିକୁ ସତ୍ୟ ବୋଲି ମନେ କରିବାର ଭ୍ରାନ୍ତି (ଘଟଜ୍ଞାନ) ଜାତହୁଏ ମାଟି ସମ୍ପର୍କରେ ଜ୍ଞାନର ଅଭାବରୁ । ମାଟି ହିଁ ମାଟିପାତ୍ରର ସାର ଓ ମୂଳକଥା । ମାଟି ନଥିଲେ ପାତ୍ରର ସ୍ଥିତି ଆସିବ କୁଆଡୁ ? କାରଣକୁ ଛାଡ଼ି

Scanned by TapScanner

କାର୍ଯ୍ୟର ସତ୍ତା ସମ୍ଭବ ହେବ କେମିତି ? କେବଳ ଜ୍ଞାନହୀନ ବ୍ୟକ୍ତିକୁ ଜଗତ ବ୍ରହ୍ମରୂପୀ ବୋଲି ପ୍ରତୀୟମାନ ହୁଏ । ମାତ୍ର ଜ୍ଞାନୀ ଦେଖେ ବ୍ରହ୍ମମୟ, ଆଉ ଏଇ ବ୍ରହ୍ମ ଉପରେ ହିଁ ଅନ୍ୟ ସମସ୍ତ ପଦାର୍ଥ ଆଧାରିତ, ପ୍ରତିଷ୍ଠିତ । ସେ କେବଳ ଆତ୍ମାକୁ ସ୍ୱୀକାର କରେ, ଆତ୍ମା ଭିନ୍ନ ଆଉ କିଛିର ସତ୍ତା ହିଁ ନାହିଁ । ତାହା ହେଲା ଅଦ୍ୱୈତ ଅନୁଭୂତି ।

ଯଦି ଜଗତ ସତ୍ୟ ହୋଇଥାନ୍ତା, ତେବେ ସ୍ୱପ୍ନହୀନ ଗଭୀର ସୁଷୁପ୍ତିରେ ମଧ୍ୟ ଜଗତକୁ ଅନୁଭବ କରିବା ସମ୍ଭବ ହୁଅନ୍ତା, ମାତ୍ର ଗଭୀର ନିଦ୍ରାବସ୍ଥାରେ ଆମେ ଜଗତକୁ ଜାଣିପାରୁନାହୁଁ । ତେଣୁ ଦୃଶ୍ୟଜଗତ ସ୍ୱପ୍ନଜଗତ ପରି ଅସତ୍ୟ । ଠିକ୍ ଯେମିତି ଦଉଡ଼ିରେ ସର୍ପର ଭ୍ରାନ୍ତି ଆରୋପଣ କରାଯାଏ, ବ୍ରହ୍ମଙ୍କ ଉପରେ ଜଗତର ଭ୍ରାନ୍ତି ମଧ୍ୟ ଆରୋପିତ ହୁଏ । ଦଉଡ଼ିର ଅଧେ ଦଉଡ଼ି ଓ ଅଧେ ସାପ ପରି ଦେଖାଯାଏ ନାହିଁ; ସାରା ଦଉଡ଼ିଟା ସାପ ପରି ପ୍ରତୀତ ହୁଏ । ସେହିପରି ସାରା ଚରାଚର ସୃଷ୍ଟି ହିଁ ବ୍ରହ୍ମ, ଜଗତର ଏ ସମସ୍ତ ବିପୁଳ ବହୁରୂପ ଓ ବହୁବିଧ ନାମ ସବୁ ବ୍ରହ୍ମଙ୍କର । କଳ୍ପନାର ଏ ବହୁରୂପ ମୂଳତଃ ମିଥ୍ୟା, ଏକମାତ୍ର ବ୍ରହ୍ମ ହିଁ ସତ୍ୟ ।

ଗୋଟିଏ ମଦ୍ୟପାତ୍ରର ମଦ୍ୟରେ ଆକାଶ ପ୍ରତିଫଳିତ ହୋଇପାରେ ମାତ୍ର ନୀଳ ଆକାଶରେ ମଦର ଛିଟା ଲାଗେ ନାହିଁ । ସେହିପରି ଏ ଦେହରଥରେ ବାସ କରୁଥିବା ଆତ୍ମା ଚିରଦିନ ଶୁଭ ଓ ଅକଳଙ୍କ । ଉତ୍ତମ ଓ ଅଧମ ସବୁପ୍ରକାର କର୍ମର ଫଳାଫଳ ଏ ଶରୀରକୁ ହିଁ ପ୍ରଭାବିତ କରେ, ତାହା ଭିତରେ ଥିବା ଦ୍ରଷ୍ଟା ଆତ୍ମାକୁ ଛୁଇଁ ପାରେନା ।

ଯେତେବେଳେ ଜ୍ଞାନର ଉଦୟ ଘଟେ ସେତେବେଳେ ଆଗାମୀ, ସଞ୍ଚିତ ଓ ପ୍ରାରବ୍ଧ ଏ ତିନିପ୍ରକାର କର୍ମର କଳା ଛାଇ ପଳାୟନ କରେ । ଏପରିକି ପ୍ରାରବ୍ଧ କର୍ମକୁ ମଧ୍ୟ ଜ୍ଞାନୀ ପରାସ୍ତ କରିଦିଏ । କାରଣ ଈଶ୍ୱରଙ୍କ ସଙ୍କଳ୍ପ ସର୍ବଶକ୍ତିମାନ୍, ଆଉ ସେ ସଙ୍କଳ୍ପ ପାଇଁ କୌଣସି ସୀମା ଥାଇ ନପାରେ । ତୁମେ ସାଧନା ବଳରେ ଯେତେବେଳେ ସେଇ ଈଶ୍ୱର ସଙ୍କଳ୍ପର ଅଧିକାରୀ ହୁଅ, ତା' ବଳରେ ପ୍ରାରବ୍ଧ କର୍ମକୁ ମଧ୍ୟ ତୁମେ ପରାସ୍ତ କରିଦିଅ । କେବେହେଲେ ହତାଶ ହୁଅନା ।

ଏ ସଂସାରର ଦୁଃଖ-ଯନ୍ତ୍ରଣା ସବୁ କ୍ଷଣସ୍ଥାୟୀ ଏବଂ ମାୟାଚ୍ଛନ୍ନ । ଏ ମହାନ୍ ସର୍ତ୍ତରେ ମନକୁ ନିବଦ୍ଧ ରଖି ସାହସର ସହ ଭକ୍ତିର ସାଧନା ପଥରେ ଯାତ୍ରା ଆରମ୍ଭ କର ।

Scanned by TapScanner